# NATIONAL NEWS BULLETIN (ODIA)

**1 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରଠାରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଆଜି ଦ୍ୱିତୀୟ ଦିନପାଇଁ ଯୋଗଦେଲେ ପ୍ରଧାନମନ୍ତ୍ରୀ ।
- ମହାରାଷ୍ଟ୍ରର ନବନିର୍ବାଚିତ ମହାୟୁତି ମେଣ୍ଟ ସରକାରଙ୍କ ଆସନ୍ତା ୫ ତାରିଖରେ ଶପଥ ଗ୍ରହଣ ।
- ବାଧ୍ୟତାମୂଳକ ଧର୍ମ ପରିବର୍ତ୍ତନ ରୋକିବା ପାଇଁ ପ୍ରସ୍ତୁତ ଚିଠା ପ୍ରସ୍ତାବକୁ ରାଜସ୍ଥାନ ମନ୍ତ୍ରିମଣ୍ଡଳର ମଞ୍ଜୁରୀ ପ୍ରଦାନ।
- ସାମୁଦ୍ରିକ ଝଡ଼ ଫେଞ୍ଜାଲର ସ୍ଥଳଭାଗ ସ୍ପର୍ଶ ପ୍ରକ୍ରିୟା ଏବେ ମଧ୍ୟ ଜାରି।

ଏବଂ

- ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ମିଳିତ ବର୍ଗରେ ଭାରତୀୟ ଯୋଡ଼ି ପରାସ୍ତ।

## ସୟଦ ମୋଦି - ଫାଇନାଲ୍

ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଚାଲିଥିବା ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୪ର ମିଳିତ ବର୍ଗରେ ଭାରତ ଧ୍ରୁବ କପିଲା ଏବଂ ତନିସା କ୍ରାଷ୍ଟ୍ରୋ ପରାସ୍ତ ହୋଇଛନ୍ତି। ଥାଇଲାଣ୍ଡର ଯୋଡ଼ି ଡେଚାପୋଲ ପୁଵାରାନୁକ୍ରୋହ ଏବଂ ସୁବିସ୍ତାରା ପେବସମ୍ପ୍ରାନ୍‌ଙ୍କ ଯୋଡ଼ିଠାରୁ ୨୧-୧୮, ୧୪-୨୧ ଏବଂ ୮-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି।

ପୁରୁଷ ଡବଲ୍‌ସ ଫାଇନାଲ ମ୍ୟାଚ୍‌ରେ ଭାରତର ପୃଥ୍ୱୀ କ୍ରିଷ୍ଣାମୂର୍ତ୍ତି ରଏ ଏବଂ ସାଇ ପ୍ରତୀକ କେ ଯୋଡ଼ି ଚୀନ୍‌ର ଖେଳାଳି ହୁ ଆଙ୍ଗ୍ ଦି ଏବଂ ଲିଉ ୟାଙ୍ଗଙ୍କୁ ଭେଟିବେ। ମହିଳା ଡବଲ୍‌ସ ଟାଇଟଲ ପାଇଁ ଭାରତୀୟ ଖେଳାଳି ତ୍ରିସା ଜୋଲି ଏବଂ ଗାୟତ୍ରୀ ବୋପିଚ୍‌ଙ୍କ ମୁକାବିଲା ଚୀନ୍‌ର ଯୋଡ଼ି ବାଓ ଲି ଜିଙ୍ଗ୍ ଏବଂ ଲି କିଆନ୍‌ଙ୍କ ମଧ୍ୟରେ ହେବ। ବି.ଡବ୍ଲୁ.ଏଫ୍ ସୁପର ୩୦୦ ଇଭେଣ୍ଟର ମହିଳା ଏକକ ଫାଇନାଲରେ ଭାରତୀୟ ଖେଳାଳି ପି.ଭି. ସିନ୍ଧୁ ଓ ଚୀନ୍‌ର ବୁ ଲୁଓ ୟୁ'ଙ୍କ ମଧ୍ୟରେ ଖେଳାଯିବ। ପୁରୁଷ ଏକକ ବର୍ଗ ଫାଇନାଲରେ ଲକ୍ଷ୍ୟ ସେନ୍ ସିଙ୍ଗାପୁରର ଜିଆ ହେଙ୍ଗ୍ ଜାସୋନ ତେହ୍'ଙ୍କୁ ଭେଟିବେ।

## ଏଫ୍.ବି.ଆଇ.

ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (ଏଫ୍‌ବିଆଇ)ର ନେତୃତ୍ୱ ପାଇଁ ଭାରତ ଆମେରିକୀୟ କାସ୍ ପଟେଲଙ୍କୁ ମନୋନୀତ କରାଯାଇଛି। ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାରେ ଶ୍ରୀ ପଟେଲ ହେଉଛନ୍ତି ଦ୍ୱିତୀୟ ଭାରତୀୟ ଆମେରିକୀୟ। ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଶ୍ରୀ ଟ୍ରମ୍ପ କହିଛନ୍ତି କାସ୍ ପଟେଲ ଜଣେ ମେଧାବୀ ଓକିଲ,

ଅନୁସନ୍ଧାନକାରୀ ଏବଂ ଦୁର୍ନୀତିର ମୂଳୋତ୍ପାଟନ ଦିଗରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି। ନ୍ୟାୟ ରକ୍ଷା କରିବା ଏବଂ ଆମେରିକୀୟ ଲୋକଙ୍କୁ ସୁରକ୍ଷା ଦେବାରେ ସେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ ଏହା ପୂର୍ବରୁ ଭାରତ ଆମେରିକୀୟ ବୈଜ୍ଞାନିକ ଜୟ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରୀ ଟ୍ରମ୍ପ ଆମେରିକାର ସର୍ବୋଚ୍ଚ ସ୍ୱାସ୍ଥ୍ୟ ଗବେଷଣା ଓ ପାଣ୍ଠି ପ୍ରଦାନକାରୀ ଅନୁଷ୍ଠାନର ନିର୍ଦ୍ଦେଶକ ଭାବେ ମନୋନୀତ କରିଛନ୍ତି।

## ତେଲେଙ୍ଗାନାରେ ଏନ୍‌କାଉଣ୍ଟର

ତେଲେଙ୍ଗାନାର ମୁଲୁଗୁ ଜିଲ୍ଲାରେ ଆଜି ସକାଳେ ପୋଲିସ ସହ ଗୁଳି ବିନିମୟରେ ୭ ଜଣ ବାମପନ୍ଥୀ ଉଗ୍ରବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ବିଜାପୁର ରାଜ୍ୟ କମିଟି ସମ୍ପାଦକ ଭଦ୍ରୁ ଓରଫ ପାପାନ୍ନା ଏବଂ ଅନ୍ୟ ଦୁଇ ରାଜ୍ୟ କମିଟି ସଦସ୍ୟ ଅନ୍ତର୍ଭୁକ୍ତ। ଉଗ୍ରବାଦୀଙ୍କ ଦ୍ୱାରା ଦୁଇଜଣ ଆଦିବାସୀଙ୍କୁ ହତ୍ୟା କରିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସେହି ଅଞ୍ଚଳରେ ତଲାସୀ ଅଭିଯାନକୁ ଜୋରଦାର କରାଯାଇଥିଲା। ଏଟୁରନାଗାରାମ୍ ଅଞ୍ଚଳରେ ସୁରକ୍ଷାକର୍ମୀ ଏବଂ ବାମପନ୍ଥୀ ଉଗ୍ରବାଦୀ ଗୋଷ୍ଠୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୁଲିସ ସେଠାରୁ ଦୁଇଟି ଏକେ- ୪୭ ବନ୍ଧୁକ ଜବତ କରିଛି।

## ପୁଡୁଚେରୀ ସାମୁଦ୍ରିକ ଝଡ଼ ଉଦ୍ଧାର କାର୍ଯ୍ୟ

ପୁଡୁଚେରୀରେ ଚେନ୍ନାଇ ଗାରିସନ୍ ବାଟାଲିୟନ୍‌ର ଯବାନମାନେ ସାମୁଦ୍ରିକ ଝଡ଼ ଫେଞ୍ଜାଲ୍ ପ୍ରଭାବିତ ଅଞ୍ଚଳରେ ଅଟକି ରହିଥିବା ୧୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଜିଲ୍ଲା ପ୍ରଶାସନ ଦ୍ୱାରା ସେନାର ସହାୟତା ପାଇଁ ଅନୁରୋଧ ପରେ ମାନବୀୟ ସହାୟତା ଏବଂ

ବିପର୍ଯ୍ୟୟ ପ୍ରଶମନ (ଏଚ୍.ଏ.ଡି.ଆର୍)ର ଏକ ଦଳ ପୁଡୁଚେରୀରେ ପହଞ୍ଚି କ୍ରିଷ୍ଣାନଗର ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅଞ୍ଚଳର କେତେକ ସ୍ଥାନରେ ଜଳସ୍ତର ପାଞ୍ଚଫୁଟରୁ ଅଧିକ ରହିଥିବା ଯୋଗୁଁ ୫୦୦ରୁ ଅଧିକ ଘର ଜଳମଗ୍ନ ହୋଇଥିଲା।

## ଫେଞ୍ଜାଲର ସ୍ଥଳଭାଗ ସ୍ପର୍ଶ ପ୍ରକ୍ରିୟା

ସାମୁଦ୍ରିକ ଝଡ଼ ଫେଞ୍ଜାଲର ସ୍ଥଳଭାଗ ସ୍ପର୍ଶ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି। ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ତାମିଲନାଡୁ ପାଣିପାଗ ବିଭାଗର ଆଞ୍ଚଳିକ ମୁଖ୍ୟ ଡକ୍ଟର ଏସ୍. ବାଲାଚନ୍ଦ୍ରନ୍ କହିଛନ୍ତି ଏହି ପ୍ରକ୍ରିୟା ସମାପ୍ତ ହେବାପରେ ଝଡ଼ କ୍ରମଶଃ ଦୁର୍ବଳ ହେବ। ତେବେ ଏଥିପାଇଁ ଆହୁରି ୬ ଘଣ୍ଟା ସମୟ ଲାଗିପାରେ ବୋଲି ସେ ସୂଚନା ଦେଇଛନ୍ତି। ଏହାର ପ୍ରଭାବରେ ଚେନ୍ନାଇ ଏବଂ ଆଖପାଖ ଅଞ୍ଚଳରେ ପାଣିପାଗ ସ୍ଥିତି ପୂର୍ବପରି ବଳବତ୍ତର ରହିବ। ମାମାଲାପୁର ଚେନ୍ନାଇ କାଞ୍ଚିପୁରମ୍ ତିରୁଭାଲ୍ଲୁର ଚେଙ୍ଗଲପେଟ ରାନୀପେଟ୍ ଭିଲ୍ଲୁପୁରମ୍ କୁଡ୍‌ଡାଲୁର ଏବଂ ପୁଡୁଚେରୀରେ ବର୍ଷା ପରିସ୍ଥିତି ପୂର୍ବପରି ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

## ବାଧ୍ୟତାମୂଳକ ଧର୍ମ ପରିବର୍ତ୍ତନ

ରାଜସ୍ଥାନ ମନ୍ତ୍ରୀମଣ୍ଡଳ ବାଧ୍ୟତାମୂଳକ ଧର୍ମ ପରିବର୍ତ୍ତନ ରୋକିବା ପାଇଁ ଅଣାଯାଇଥିବା ଚିଠା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ରାଜସ୍ଥାନ ବେଆଇନ ଧର୍ମ ପରିବର୍ତ୍ତନ ନିରୋଧ ବିଲ୍-୨୦୨୪ ଆଗାମୀ ବିଧାନସଭା ଅଧିବେଶନରେ ଆଗତ କରାଯିବ। ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ଜୋଗରାମ୍ ପଟେଲ ଏହି ଚିଠାପ୍ରସ୍ତାବ ସମ୍ପର୍କରେ ସୂଚନା

ଦେଇ କହିଛନ୍ତି ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ବ୍ୟକ୍ତି ୬୦ ଦିନ ପୂର୍ବରୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ବାଧ୍ୟତାମୂଳକ କିମ୍ବା କୌଣସି ପ୍ରଲୋଭନଯୁକ୍ତ ଧର୍ମ ପରିବର୍ତ୍ତନ ପରିସ୍ଥିତି ନ ଥିଲେ ଆବେଦନକାରୀଙ୍କୁ ଏଥିପାଇଁ ଅନୁମତି ପ୍ରଦାନ କରାଯିବ। ଏହା ଆଇନରେ ପରିଣତ ହେଲେ ଧର୍ମ ପରିବର୍ତ୍ତନ ନେଇ ହେଉଥିବା ବେଆଇନ କାର୍ଯ୍ୟକଳାପକୁ ରୋକାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହ ରାଜ୍ୟ କ୍ୟାବିନେଟ୍ ଶିଳ୍ପ ଏବଂ ଆର୍ଥିକ ବିକାଶ ଲକ୍ଷ୍ୟରେ କେତେକ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

## ସୀମାସୁରକ୍ଷା ବାହିନୀ ପ୍ରତିଷ୍ଠା ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସୀମାସୁରକ୍ଷା ବାହିନୀ ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ବିଏସ୍ଏଫ୍ ପ୍ରତିରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଛି। ସାହସ, ସମର୍ପଣ ଏବଂ ଅସାଧାରଣ ସେବାକୁ ବିଏସ୍ଏଫ୍ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମହାଯୁତି - ଓଥ୍

ମହାରାଷ୍ଟ୍ରର ନବନିର୍ବାଚିତ ମହାଯୁତି ମେଣ୍ଟ ଆସନ୍ତା ୫ ତାରିଖରେ ଶପଥ ଗ୍ରହଣ କରିବ । ବି.ଜେ.ପି. ମହାରାଷ୍ଟ୍ର ରାଜ୍ୟଶାଖା ସଭାପତି ଚନ୍ଦ୍ରଶେଖର ବାୱନ୍‌କୁଲେ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇ କହିଛନ୍ତି, ଆଜାଦ ମଇଦାନରେ ଅପରାହ୍ଣ ୫ଟାରେ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସୂଚନାଯୋଗ୍ୟ, ବି.ଜେ.ପି., ଏକନାଥ ସିନ୍ଦେଙ୍କ

ନେତୃତ୍ୱାଧୀନ ଶିବସେନା ଏବଂ ଅଜିତ୍ ପାୱାର୍‌ଙ୍କ ଏନ୍.ସି.ପି.କୁ ନେଇ ଗଠିତ ମହାଯୁତି ମେଣ୍ଟ ୨୮୮ ଆସନରୁ ୨୩୦ ଆସନରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଛି । ବି.ଜେ.ପି. ୧୩୨ଟି ଆସନ ସହ ନିର୍ବାଚନରେ ଏକକ ବୃହତ୍ତମ ଦଳ ହୋଇଛି । ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୫୭ଟି ଏବଂ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଏନ୍.ସି.ପି. ୪୧ଟି ଆସନ ହାସଲ କରିଛି ।

## ନାଗାଲାଣ୍ଡ ସ୍ଥାପନା ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନାଗାଲାଣ୍ଡ ସ୍ଥାପନା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ମୁର୍ମୁ ସାମାଜିକ ଗଣମାଧ୍ୟମର ଏକ ବାର୍ତ୍ତାରେ କହିଛନ୍ତି ଉଦ୍ଭିଦ ଓ ଜୀବଜନ୍ତୁଙ୍କ ସମୃଦ୍ଧ ଐତିହ୍ୟସମ୍ପନ୍ନ ସୁନ୍ଦର ନାଗାଲାଣ୍ଡ ସାହସର ଭୂମି ଅଟେ । ନାଗାଲାଣ୍ଡର ବିଭିନ୍ନ କ୍ଷେତ୍ରରେ ବିକାଶକୁ ରାଷ୍ଟ୍ରପତି ଉଚ୍ଚପ୍ରଶଂସା କରିବା ସହ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ତଥା ପ୍ରଗତିଶୀଳ ଭବିଷ୍ୟତ ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍ ନାଗାଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, ସଂସ୍କୃତି ଏବଂ ପ୍ରକୃତି ସହ ଗଭୀର ସଂଯୋଗ ବାସ୍ତବରେ ମନୋମୁଗ୍ଧକର ବୋଲି କହିଛନ୍ତି । ସେ କହିଛନ୍ତି ନାଗାଲାଣ୍ଡ ଭାରତର ଏକ ସାଂସ୍କୃତିକ ତଥା ପରିବେଶ ଭଣ୍ଡାର ଭାବେ ଆଗକୁ ବଢ଼ିଚାଲିଛି । ଏହି ଅବସରରେ ଶ୍ରୀ ଧନକଡ଼୍ ରାଜ୍ୟର ବିକାଶ ଓ ସମୃଦ୍ଧି କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ନାଗାଲାଣ୍ଡ ନିଜର ସମୃଦ୍ଧ ସଂସ୍କୃତି ଏବଂ ରାଜ୍ୟବାସୀଙ୍କ ଆନ୍ତରିକତା ପାଇଁ ପ୍ରଶଂସିତ। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ନାଗା ସଂସ୍କୃତି ନିଜର ବିବିଧତା ପାଇଁ ଜଣାଶୁଣା। ଶ୍ରୀ ମୋଦି ଆଗାମୀ ଦିନରେ ରାଜ୍ୟର ନିରନ୍ତର ଅଗ୍ରଗତି କାମନା କରିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମର ଏକ ବାର୍ତ୍ତାରେ ଗୌରବଶାଳୀ ସଂସ୍କୃତି ଏବଂ ଐତିହ୍ୟରେ ସମୃଦ୍ଧ ନାଗାଲାଣ୍ଡ ଭାରତର ସାଂସ୍କୃତିକ ବୈଭବରେ ଏକ ଉଜ୍ଜ୍ୱଳ ଉଦାହରଣ। ଶ୍ରୀ ଶାହା ରାଜ୍ୟର ସମୃଦ୍ଧି ପାଇଁ କାମନା କରିଛନ୍ତି।

---

## ପି.ଏମ୍. - ସିକ୍ୟୁରିଟି କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦ୍ୱିତୀୟ ଦିନ ପାଇଁ ଭୁବନେଶ୍ୱରଠାରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗଦେଇଛନ୍ତି । ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ପୁଲିସର ବିଭିନ୍ନ ପରିଚାଳନାଗତ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଆଭ୍ୟନ୍ତରୀଣ ନିରାପତ୍ତା, ନୂଆ ଅପରାଧିକ ଆଇନ, ଉପକୂଳ ସୁରକ୍ଷା, ସାଇବର ଅପରାଧ, ମାଓବାଦୀ କାର୍ଯ୍ୟକଳାପ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଡ୍ରୋନ ଉପଯୋଗ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ବିଚାର ଆଲୋଚନା ଚାଲିଛି । ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ୍ ମହାନିର୍ଦ୍ଦେଶକ ତଥା ସୁରକ୍ଷା ଏଜେନ୍ସିର

ମୁଖ୍ୟମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ଓଡ଼ିଶାକୁ ତିନିଦିନିଆ ଗସ୍ତ ଶେଷକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଜି ସନ୍ଧ୍ୟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

---